# NATIONAL NEWS BULLETIN (ODIA)

**6 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଉତ୍ତରାଖଣ୍ଡକୁ ବର୍ଷତମାମ ପର୍ଯ୍ୟଟନସ୍ଥଳୀ କରିବା ଉପରେ ଗୁରୁତ୍ୱପ୍ରଦାନ କଲେ ପ୍ରଧାନମନ୍ତ୍ରୀ

- ଭାରତ ଏବେ ହାର୍ଡଓୟାର ଉତ୍ପାଦନ କ୍ଷେତ୍ରରେ ଦ୍ରୁତଗତିରେ ଅଗ୍ରଗତି କରୁଛି, କହିଲେ କେନ୍ଦ୍ର ଆଇଟି ମନ୍ତ୍ରୀ

- ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କରଙ୍କ ବ୍ରିଟେନ ଗସ୍ତ ସମୟରେ ସୁରକ୍ଷା ଲଂଘନକୁ ନିନ୍ଦା କଲା ଭାରତ

- ଆସନ୍ତା ୨୦ ତାରିଖରୁ ନୂଆଦିଲ୍ଲୀରେ ଆରମ୍ଭ ହେବ ଖେଲୋ ଇଣ୍ଡିଆ ପାରା ପ୍ରତିଯୋଗିତା

ଏବଂ

- ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଆଜି ମୁହାଁମୁହିଁ ହେବେ ହାଇଦ୍ରାବାଦ ଓ ପଞ୍ଜାବ ।

---

## ପିଏମ୍-ଉତ୍ତରାଖଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରାଖଣ୍ଡକୁ ବର୍ଷତମାମ ପର୍ଯ୍ୟଟନସ୍ଥଳୀ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଉତ୍ତର କାଶୀର ହରସିଲ୍ ଠାରେ ଏକ ଜନସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ ରାଜ୍ୟ

ପାଇଁ ଶୀତକାଳୀନ ପର୍ଯ୍ୟଟନର ଗୁରୁତ୍ୱ ଉପରେ କହିଛନ୍ତି । ସେ କହିଛନ୍ତି, ଉତ୍ତରାଖଣ୍ଡରେ ଏବେ ସବୁଋତୁରେ ପର୍ଯ୍ୟଟନର ବିକାଶ ହେବ, କୌଣସି ଋତୁ ଆଉ ଅଫ୍ ସିଜିନ୍ ହେବନାହିଁ ।

**V/O**

**[Byte-1]**

ପ୍ରଧାନମନ୍ତ୍ରୀ କହିଛନ୍ତି, ଚଳିତ ଦଶନ୍ଧି ଉତ୍ତରାଖଣ୍ଡ ପାଇଁ ପ୍ରଗତିର ନୂତନ ମାର୍ଗ ଉନ୍ମୁକ୍ତ କରିଛି । କେବଳ ଶୀତଦିନେ ହୋମ୍ ଷ୍ଟେ ଓ ହୋଟେଲ୍ ଯୋଗୁଁ ସୃଷ୍ଟି ହେଉଥିବା ଆର୍ଥିକ ଅସନ୍ତୁଳନ ଉପରେ ଆଲୋକପାତ କରି ସେ କହିଛନ୍ତି ଯେ ଏହି ଋତୁରେ ଉତ୍ତରାଖଣ୍ଡର ବାସ୍ତବ ସୌନ୍ଦର୍ଯ୍ୟ ପ୍ରକାଶ ପାଇଛି । ବର୍ଷକୁ ୩୬୫ ଦିନ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା, ପର୍ଯ୍ୟଟକମାନଙ୍କୁ ଉତ୍ତରାଖଣ୍ଡର ଦିବ୍ୟ ଆକର୍ଷଣ ଅନୁଭବ କରିବା ଏବଂ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପକୁ ଅଗ୍ରାଧିକାର ଭିତ୍ତିରେ ବିକଶିତ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ସେ କହିଛନ୍ତି ପ୍ରଧାନମନ୍ତ୍ରୀ ଚାରିଧାମ ସଡ଼କ ପ୍ରକଳ୍ପ, ରେଳ ସଂପ୍ରସାରଣ, ବିମାନ ଯୋଗାଯୋଗ ଏବଂ ରୋପ୍‌ୱେ ଉତ୍ତରାଖଣ୍ଡର ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ବିକଶିତ କରିବ ଏବଂ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନଙ୍କ ଯାତ୍ରାକୁ ସହଜ କରିବ ।

**V/O**

**[Byte-2]**

ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଡେଷ୍ଟିନେସନ୍ ୱେଡିଂ ପ୍ରୋତ୍ସାହିତ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଏହାପୂର୍ବରୁ ପ୍ରଧାନମନ୍ତ୍ରୀ

ମୋଦୀ ଗଙ୍ଗାଦେବୀଙ୍କ ଶୀତକାଳୀନ ବାସସ୍ଥଳୀ ମୁଖବା ଗ୍ରାମରେ ଏକ ସ୍ୱତନ୍ତ୍ର ପୂଜା କରିଥିଲେ । ସ୍ଥାନୀୟ ଲୋକମାନେ ପ୍ରଧାନମନ୍ତ୍ରୀଙ୍କୁ ଲୋକବାଦ୍ୟ ସହ ଭବ୍ୟ ସ୍ୱାଗତ କରିଥିଲେ । ପରେ ଶ୍ରୀ ମୋଦୀ ଟ୍ରେକିଙ୍ଗ୍ ଏବଂ ବାଇକିଙ୍ଗ୍ ର୍ୟାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସେ କହିଥିଲେ:

**V/O**

**[Byte-3]**

## ଅଶ୍ୱିନୀ –ଡିଜିଟାଲ

ଭାରତ ଦୀର୍ଘଦିନ ଧରି ସଫ୍ଟଓୟାର ବିକାଶରେ ବିଶ୍ୱସ୍ତରରେ ଅଗ୍ରଣୀ ଥିବା ବେଳେ ଏବେ ହାର୍ଡଓୟାର ଉତ୍ପାଦନ କ୍ଷେତ୍ରରେ ଦ୍ରୁତଗତିରେ ଅଗ୍ରଗତି କରୁଛି। ଦେଶରେ ୫ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ ନିର୍ମାଣାଧୀନ ଥିବାରୁ ଭାରତ ବିଶ୍ୱ ଇଲେକ୍ଟ୍ରୋନିକ୍ସ ମାନଚିତ୍ରରେ ନିଜର ସ୍ଥିତି ସୁଦୃଢ଼ କରିବାରେ ଲାଗିଛି । ଆଜି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ଜାତୀୟ ଦୈନିକ ସମ୍ବାଦପତ୍ରରେ ଗୋଟିଏ ଲେଖାରେ କହିଛନ୍ତି, ଚଳିତବର୍ଷ ଭାରତରେ ପ୍ରଥମ ସ୍ୱଦେଶ ନିର୍ମିତ ସେମିକଣ୍ଡକ୍ଟର ଚିପ୍ ଉନ୍ମୋଚନ ସହିତ ଦେଶ ଖୁବ୍‌ଶୀଘ୍ର ଏକ ମାଇଲ୍‌ଖୁଣ୍ଟ ହାସଲ କରିବ ।

ଡିଜିଟାଲ ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଦେଶର ସଫଳତା ଉପରେ ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ଭାବନ କେବଳ ପରୀକ୍ଷାଗାରରେ ସୀମିତ ହୋଇ ରହି ନାହିଁ, ବରଂ ଏହା ଦେଶର ନାଗରିକଙ୍କ ଜୀବନରେ ପରିବର୍ତ୍ତନ ଆଣିଛି । ଦେଶର ଆବଶ୍ୟକତାକୁ

ପୂରଣ କରିବା ପାଇଁ ସରକାର ବୃହତ ଭାଷା ମଡେଲ୍ ଏବଂ ସମସ୍ୟା ଆଧାରିତ କୃତ୍ରିମ ବୁଦ୍ଧିମତ୍ତା ସମାଧାନ ଓ ନିଜସ୍ୱ ମୌଳିକ ମଡେଲ୍ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ।

ସେ କହିଛନ୍ତି, ଡିଜିଟାଲ ଭବିଷ୍ୟତ ଗଠନ ଦିଗରେ ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର, କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର ଏବଂ ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନ ଉପରେ ଅଧିକ ଧ୍ୟାନ ଦିଆଯାଉଛି । ସେ କହିଛନ୍ତି, ଭାରତ ଘଣ୍ଟା ପ୍ରତି ୧୦୦ ଟଙ୍କାରୁ କମ୍ ରିହାତି ମୂଲ୍ୟରେ ଉପଲବ୍ଧ ୧୮ ହଜାରରୁ ଅଧିକ ଗ୍ରାଫିକ୍ସ ପ୍ରୋସେସିଙ୍ଗ୍ ୟୁନିଟ୍ ସହିତ କମନ୍ କମ୍ପ୍ୟୁଟର ସୁବିଧା ଆରମ୍ଭ କରିଛି । ସେ କହିଛନ୍ତି, ଆଗାମୀ ଦିନରେ ଏହି ପଦକ୍ଷେପ ଷ୍ଟାର୍ଟଅପ୍, ଗବେଷକ ଏବଂ ଶିକ୍ଷାବିତ୍‌ମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା ଆପ୍ଲିକେଶନ୍ ବିକଶିତ କରିବାରେ ସହାୟତା କରିବ ।

---

## ଜୟଶଙ୍କର-ସିକ୍ୟୁରିଟି ବ୍ରିଜ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କରଙ୍କ ବ୍ରିଟେନ ଗସ୍ତ ସମୟରେ ବିଚ୍ଛିନ୍ନତାବାଦୀ ଏବଂ ଉଗ୍ରବାଦୀଙ୍କ ସୁରକ୍ଷା ଲଂଘନକୁ ଭାରତ ନିନ୍ଦା କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ ଏହା ବିଚ୍ଛିନ୍ନତାବାଦୀ ଏବଂ ଉଗ୍ରବାଦୀଙ୍କ ଏକ ଛୋଟ ଗୋଷ୍ଠୀର କାର୍ଯ୍ୟକଳାପ ବୋଲି କୁହାଯାଇଛି । ଭାରତ ଏହି କାର୍ଯ୍ୟକୁ ନିନ୍ଦା କରିବା ସହ ଏଭଳି ତତ୍ତ୍ୱ ଗୁଡ଼ିକୁ ଗଣତାନ୍ତ୍ରିକ ସ୍ୱାଧୀନତାର ଅପବ୍ୟବହାର କରୁଥିବା କହିଛି। ଏପରିସ୍ଥଳେ, ଆୟୋଜକ ସରକାର ସେମାନଙ୍କ କୂଟନୈତିକ ଦାୟିତ୍ୱକୁ ସମ୍ପୂର୍ଣ୍ଣ ଭାବେ ଅନୁପାଳନ କରିବେ ବୋଲି ବୈଦେଶକ ମନ୍ତ୍ରଣାଳୟ ଆଶା ପ୍ରକାଶ କରିଛି ।

---

## ଭିପି ମୁମ୍ବାଇ ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧଡ଼ଖଡ ଆଜି ଦିନିକିଆ ମୁମ୍ବାଇ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ଗସ୍ତ ସମୟରେ ଉପରାଷ୍ଟ୍ରପତି ମୁମ୍ବାଇର ରୟାଲ୍ ଅପେରା ହାଉସ୍‌ରେ ମୁରଲୀ ଦେଓରା ସ୍ମୃତି ସମ୍ଭାଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ପର୍ବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

---

## ଜନସେବା ପ୍ରୋଗ୍ରାମ

ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ସଚିବ ଅମିତ ଯାଦବ କହିଛନ୍ତି, ସରକାରୀ ସେବାର ମୂଳ ଉଦ୍ଦେଶ୍ୟ ହେଉଛି ଲୋକଙ୍କ ଜୀବନରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା । ଆଜି ନୂଆଦିଲ୍ଲୀରେ ଡକ୍ଟର ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ରାଷ୍ଟ୍ରୀୟ କର୍ମଯୋଗୀ ଜନସେବା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ସରକାରୀ ଅଧିକାରୀମାନଙ୍କ ମଧ୍ୟରେ ମୁକ୍ତ ଆଲୋଚନା, ଦଳଗତ କାର୍ଯ୍ୟ ଏବଂ ବ୍ୟାବହାରିକ ସମସ୍ୟାର  ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ୪ଟି ଅଧିବେଶନ ରହିଛି ।

ସଚିବ କହିଛନ୍ତି, ସରକାରୀ ଅଧିକାରୀମାନଙ୍କୁ ସେମାନଙ୍କ ମୌଳିକ କାର୍ଯ୍ୟଧାରା ସ୍ମରଣ କରାଇବା ସହ କିଭଳି ସକ୍ରିୟ ଭାବେ ନାଗରିକମାନଙ୍କ ସମସ୍ୟାର ସମାଧାନ କରିପାରିବେ, ତାହା ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯିବ । ସେ କହିଛନ୍ତି, ଶାସନର କେନ୍ଦ୍ରରେ ରହିଛି  ଯେ ଅଧିକାରୀମାନେ କିଭଳି ଜନସାଧାରଣଙ୍କ ସହ ଯୋଗାଯୋଗ କରିବେ ଏବଂ ତାହା କିଭଳି ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ

ଭୂମିକା ଗ୍ରହଣ କରିବ । ସରକାରୀ କର୍ମଚାରୀଙ୍କ ପ୍ରତ୍ୟେକଟି କାର୍ଯ୍ୟ ଦେଶର ପ୍ରଗତିରେ ସହାୟକ ହୋଇଥାଏ ବୋଲି ସେ କହିଛନ୍ତି ।

## ପଞ୍ଜାବ-ରାଜସ୍ଥାନ ଆକ୍ସିଡେଣ୍ଟ

ରାଜସ୍ଥାନର ଶିରୋହୀ ଜିଲ୍ଲାର ଆବୁରୋଡ ସଦର ଥାନା ଅଞ୍ଚଳର ୨୭ ନମ୍ବର ଜାତୀୟ ରାଜପଥ କିଭାର୍ଲି ନିକଟରେ ଆଜି ସକାଳେ ଏକ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୬ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି । ଏଥିରେ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଥିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନାଅନୁଯାୟୀ, ଅହମ୍ମଦାବାଦରୁ ଜାଲୋର ଅଭିମୁଖେ ଯାଉଥିବା ଏକ କାର୍ ରାତି ପ୍ରାୟ ୩ଟା ସମୟରେ ଏକ ଟ୍ରେଲର ସହ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିଲା । ଅନ୍ୟ ୩ ଜଣ ଗୁରୁତର ଆହତଙ୍କ ମଧ୍ୟରୁ ଚିକିତ୍ସାଧୀନ ଅବସ୍ଥାରେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା । ମୃତକମାନେ ଜାଲୋର ଜିଲ୍ଲାର ବାସିନ୍ଦା ବୋଲି ଜଣାପଡ଼ିଛି ।

ସେହିଭଳି ପଞ୍ଜାବର ବଟ୍‌ଲାଠାରେ ବିଳମ୍ବିତ ରାତିରେ ୨ଟି କାର୍ ଓ ଟ୍ରାକ୍ଟର ଟ୍ରଲି ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣଙ୍କର ମୃତ୍ୟୁ ଘଟିଛି । ଏଥିରେ ୫ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ଟ୍ରାକ୍ଟର ଡ୍ରାଇଭର ଓ ଦୁଇଜଣ ଯାତ୍ରୀ ଅଛନ୍ତି ।

## ଟ୍ରମ୍ପ-କାନାଡା-ଟାରିଫ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଶୁଳ୍କ ବୃଦ୍ଧି ରୋକିବା ପାଇଁ ନେଇଥିବା ପଦକ୍ଷେପ ଗ୍ରହଣୀୟ ନୁହେଁ । କାନାଡା ଓ ମେକ୍ସିକୋରୁ ଆମେରିକାକୁ ପ୍ରବେଶ କରୁଥିବା

ସାମଗ୍ରୀ ଉପରେ ନିର୍ଦ୍ଧାରିତ ସମୟ ଅନୁଯାୟୀ ମାର୍ଚ୍ଚ ୪ ତାରିଖରୁ ୨୫ ପ୍ରତିଶତ ଏବଂ ଚୀନ୍‌ରୁ ଆମଦାନୀ ଉପରେ ୨୦ ପ୍ରତିଶତ ଶୁଳ୍କ ଲାଗୁ ହୋଇଥିଲା । ଆମେରିକାରେ ପ୍ରବାସୀଙ୍କ ବେଆଇନ ପ୍ରବେଶ ଏବଂ ଫେଣ୍ଟାନିଲ୍ ମାଦକ ଦ୍ରବ୍ୟ କାରବାର ପାଇଁ ଶ୍ରୀ ଟ୍ରମ୍ପ କାନାଡା ଓ ମେକ୍‌ସିକୋକୁ ଦାୟୀ କରିଛନ୍ତି । ଅନ୍ୟପକ୍ଷରେ ଏହାକୁ ରୋକିବାରେ ବିଫଳ ହୋଇଥିବାରୁ ଚୀନ୍ ମଧ୍ୟ ପାରସ୍ପରିକ ଶୁଳ୍କ ବୃଦ୍ଧିକୁ ଅନୁସରଣ କରିବାକୁ ଆମେରିକା ରାଷ୍ଟ୍ରପତି ସତର୍କ କରାଇ ଦେଇଛନ୍ତି । ସେ କହିଛନ୍ତି, ଉଭୟ କାନାଡା ଓ ମେକ୍‌ସିକୋର ନେତାମାନେ କ୍ଷମତାରେ ରହିବା ପାଇଁ ଶୁଳ୍କ ବୃଦ୍ଧି ପ୍ରକ୍ରିୟା ଆପଣେଇଛନ୍ତି ।

## ଶ୍ରୀଲଙ୍କା ଏନର୍ଜୀ

ଶ୍ରୀଲଙ୍କାର ଶକ୍ତିକ୍ଷେତ୍ର ପାଇଁ ସ୍ଥାୟୀ ଦୀର୍ଘମିଆଦୀ ରଣନୀତି ସଂପର୍କରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ଏବଂ ସିଲୋନ ବିଦ୍ୟୁତ୍‌ବୋର୍ଡ ମଧ୍ୟରେ ଆଲୋଚନା ହୋଇଛି । ଶକ୍ତି ସଂରକ୍ଷଣ ସହ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ରକ୍ଷଣାବେକ୍ଷଣ, ଓ ଦେଶର ଶକ୍ତିକ୍ଷେତ୍ରର ଭବିଷ୍ୟତ ଉପରେ ଆଲୋଚନା ହୋଇଥିଲା ।

ସୂଚନା ଅନୁଯାୟୀ ଗତବର୍ଷ ଡିସେମ୍ବର ସୁଦ୍ଧା ଶେଷ ହୋଇଥିବା ତ୍ରୈମାସରେ ସିଲୋନ୍ ବିଦ୍ୟୁତ୍ ବୋର୍ଡ ୩ ବିଲିୟନ ଶ୍ରୀଲଙ୍କା ମୁଦ୍ରା କ୍ଷତି ସହିଛି । ରାଜସ୍ୱ ଆଦାୟ ୨୮ ପ୍ରତିଶତ ହ୍ରାସ ପାଇ ୧୧୨ ବିଲିୟନ ଟଙ୍କାରେ ପହଞ୍ଚିଥିବା ବେଳେ ବିକ୍ରି ଖର୍ଚ୍ଚ ୪୯ ପ୍ରତିଶତ ବୃଦ୍ଧି ପାଇ ୧୧୬ ବିଲିୟନ ଟଙ୍କାରେ ପହଞ୍ଚିଛି ।

## ମାଣ୍ଡବ୍ୟ–ପାରା ଅଲିମ୍ପିକ୍ସ

ଖେଲୋ ଇଣ୍ଡିଆ ପାରା ପ୍ରତିଯୋଗିତା-୨୦୨୫ ଆସନ୍ତା ୨୦ ତାରିଖଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ ବୋଲି ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଘୋଷଣା କରିଛନ୍ତି । ସେ କହିଛନ୍ତି, ଖେଲୋ ଇଣ୍ଡିଆ  ପାରା ପ୍ରତିଯୋଗିତାର ଏହି ଦ୍ୱିତୀୟ ସଂସ୍କରଣରେ ୬ଟି ବିଭାଗରେ  ପ୍ରାୟ ୧ ହଜାର ୨୩୦ ଜଣ ଉଭୟ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ । ଏହି ପ୍ରତିଯୋଗିତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଡକ୍ଟର ମାଣ୍ଡବ୍ୟ କହିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ, ଦେଶରେ ପ୍ରତିଭାବାନ ଖେଳାଳିମାନଙ୍କର ଦକ୍ଷତାର ବିକାଶ ଦିଗରେ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ମିଶନର ଏକ ଅଂଶ ସ୍ୱରୂପ ଏହି ପ୍ରତିଯୋଗିତାର ଆୟୋଜନ କରାଯାଉଛି ।

---

## ଫୁଟ୍‌ବଲ୍

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଆଜି ହାଇଦ୍ରାବାଦର ଗାଚିବାଉଲି ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ୭ଟା ୩୦ରେ ହାଇଦ୍ରାବାଦ ଓ ପଞ୍ଜାବ ମଧ୍ୟରେ ମୁକାବିଲା ହେବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ଜାମସେଦପୁର ଏଫ୍‌ସିକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହିତ ଓଡ଼ିଶା ଏଫ୍‌ସି ୩୩ ପଏଣ୍ଟ ହାସଲ କରି ତାଲିକାର ଷଷ୍ଠ ସ୍ଥାନରେ ରହିଛି ।

---

# ଆଇସିସି ଚମ୍ପିୟାନ୍ସ ଟ୍ରଫି

ଆଇସିସି ଚମ୍ପିୟାନ୍ସ ଟ୍ରଫିରେ ଗତକାଲି ଲାହୋରର ଗଦାଫି ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ଦକ୍ଷିଣଆଫ୍ରିକାକୁ ୫୦ ରନ୍‌ରେ ପରାସ୍ତ କରି ନ୍ୟୁଜିଲ୍ୟାଣ୍ଡ ଫାଇନାଲ୍‌କୁ ଉନ୍ନୀତ ହୋଇଛି । ଆସନ୍ତା ରବିବାର ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଫାଇନାଲ୍ ମୁକାବିଲା ହେବ । ଆଇସିସି ଇତିହାସରେ ସର୍ବାଧିକ ୩୬୩ ରନ୍‌ର ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୫୦ ଓଭର୍‌ରେ ୯ ୱିକେଟ୍ ହରାଇ ୩୧୨ ରନ୍ କରିବାକୁ ସକ୍ଷମ ହୋଇଥିଲା । ଏହା ପୂର୍ବରୁ ମଙ୍ଗଳବାର ଦୁବାଇରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ୍‌ରେ ଭାରତ ୪ ୱିକେଟ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଫାଇନାଲ୍‌କୁ ପ୍ରବେଶ କରିଛି ।

ଅଙ୍କ ତାଲିକାରେ ଭାରତ ସମସ୍ତ ମ୍ୟାଚ୍ ଜିତି ୬ ପଏଣ୍ଟ ସହ ଗ୍ରୁପ୍-ଏ ର ଶୀର୍ଷରେ ରହିଥିବା ବେଳେ, ନ୍ୟୁଜିଲ୍ୟାଣ୍ଡ ୩ଟି ମ୍ୟାଚ୍‌ରୁ ୨ଟିରେ ବିଜୟ ଲାଭ କରି ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି ।